# ROURKELA MUNICIPAL CORPORATION

Uditnagar, Rourkela, Pin-769012

**Mail Id:** rourkelamunicipality@gmail.com **Telephone:** (0661) 2500388

Letter No 10548 Date 02.09.2025

**Expression of Interest (EoI) for Selection of Mission Shakti Groups for O&M of FSTP under Rourkela Municipal Corporation.**

Rourkela Municipal Corporation invites Expression of Interest (EOI) in the Prescribed Formats (Annexure-I & II) in sealed cover from the intending Mission Shakti Groups having the credibility and experience for O&M of FSTP (Faecal Sludge Treatment Plant) . The applicants should be under Rourkela Municipal Corporation and Steel Township Jurisdiction only.

| | | |
|---|---|---|
| 01 | Available of EOI documents in website | 03.09.2025 |
| 02 | Last date and time of submission of EOI | 15.09.2025 (4.00 PM) |
| 03 | Date and time of Opening of EOI | 16.09.2025 (11.00 AM) |
| 04 | For downloading the EOI documents and term and Condition of assignment, please visit the Rourkela Municipal Corporation website. | www.rmc.nic.in |

The authority reserves right to reject any or all the EOIs without assigning any reason thereof. Any Change/ Correction/ Corrigendum in respect the above shall be placed in RMC website.

Commissioner
Rourkela Municipal Corporation

**Memo No.** 10549 **Date.** 02.09.2025

Copy to Notice Board/ MIS, RMC to upload the EOI document in Rourkela Municipal Corporation website.

Commissioner
Rourkela Municipal Corporation

**Memo No:** 10550 **Date:** 02.09.2025

Copy to Director, I&PR Dept. Govt. of Odisha, Bhubaneswar for information and requested to publish the copy mentioned notice in two highly circulated Odia daily newspaper ( Rourkela Editions) on 04.09.2025 The font size should be 8 points and rate should be as per I&PR.

Commissioner
Rourkela Municipal Corporation

## ➢ ଏହି କାର୍ଯ୍ୟ ଅନୁଯାୟୀ ନିମ୍ନ ମାନବ ସମ୍ବଳ ଆବଶ୍ୟକ:

**1. ପ୍ଲାଣ୍ଟ ମ୍ୟାନେଜେର (ଜଣେ):**

a) ସଦସ୍ୟ ଚୟନ ହୋଇଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠି (ଏସଏଚଜି) / ଏଏଲଏଫ | ସିଏଲଏଫ ଗୋଷ୍ଠୀରୁ ହୋଇଥିବା ଦରକାର |

b) FSTP ପାଇଁ ବିକଶିତ ମାନକ ଅନୁଯାୟୀ ପ୍ରତ୍ୟେକ ଇଣ୍ଟରଫେସର ପରୀକ୍ଷା କରିବେ | ସମସ୍ତ ତଥ୍ୟର ରେକର୍ଡ ଏବଂ ପ୍ଲାଣ୍ଟରେ ଆବଶ୍ୟକ ହେଉଥିବା ସମସ୍ତ ଉପଯୋଗୀ ସାମଗ୍ରୀର ତାଲିକା, FSTP କୁ ଆସୁଥିବା ସେସପୁଲ୍ ଯାନଗୁଡିକର ରେକର୍ଡ ଏବଂ ସେମାନଙ୍କର ସମୟ, ଯାନ ପ୍ରକାର ଏବଂ କ୍ଷମତାର ରେକର୍ଡ ରଖୁବା |

c) ଗୋଷ୍ଠୀକୁ ସାହାଯ୍ୟ କରିବେ ଏବଂ RMC ସହିତ ସମନ୍ୱୟ ରଖିବେ |

d) OWSSB(WATCO) ଏବଂ RMC ଠାରୁ ଦରକାର ପଡିଲେ ବୈଷୟିକ ସହାୟତା ନେବେ | FSTP ଚଲେଇବା ପାଇଁ ମାନକ କୁ ଅନୁସରଣ କରିବେ |

**2 .ଟେକ୍ନିକାଲ ରିସୋର୍ସ ପରସନ (ଜଣେ):**

a) ଟେକ୍ନିକାଲ ରିସୋର୍ସ ପରସନ ଗୋଷ୍ଠୀ ଦ୍ୱାରା ନିଯୁକ୍ତ ହେବେ |

b) ଯୋଗ୍ୟତା: BSc. ରସାୟନ ବିଜ୍ଞାନ / MSc. ରସାୟନ ବିଜ୍ଞାନ / MSc. ବାୟୋକେମିଷ୍ଟ୍ରି / MSc. ପରିବେଶ ବିଜ୍ଞାନ କିମ୍ବା ଯେ କୌଣସି ରସାୟନ ଡିଗ୍ରୀ | ଯେ କୌଣସି ଲାବୋରେଟୋରୀରେ ଜଳ / ବର୍ଜ୍ୟଜଳ ଲ୍ୟାବରେ କାର୍ଯ୍ୟ କରିବାର ସର୍ବନିମ୍ନ ୦୧ ବର୍ଷର ଅଭିଜ୍ଞତା,

c) ତଥ୍ୟ ସଂଗ୍ରହ, ଲ୍ୟାବ ପରୀକ୍ଷା ଏବଂ ରିପୋର୍ଟ ଏବଂ ଡିଜିଟାଲ ଡାଟାବେସ୍ ପରିଚାଳନା, ଇଂରାଜୀ ଭାଷା ଜ୍ଞାନ(ପଢିବା, ଲେଖିବା ଏବଂ କହି ପାରୁଥିବା କଥା) ଏବଂ ଓଡ଼ିଆ ଭାଷା ଜ୍ଞାନ(କହିପାରୁଥିବା କଥା) ।

d) କାର୍ଯ୍ୟ ଅବଧି: ଗୋଷ୍ଠୀର ଚୁକ୍ତିନାମା ଅବଧି ଅନୁଯାୟୀ (ଟେକ୍ନିକାଲ ରିସୋର୍ସ ପରସନ ସାପ୍ତାହିକ ୬ ଦିନ କାର୍ଯ୍ୟ କରିବେ )

**3 .ପରିମଳ କର୍ମଚାରୀ (୩ ଜଣ):**

a) FSTP ରେ ସ୍ୱଚ୍ଛତା ଏବଂ ପରିମଳ ନିଶ୍ଚିତ କରିବେ |

b) ସେସପୁଲ୍ ଯାନରୁ ଫେକାଲ୍ ସେପ୍ଟେଜ୍ ବିସର୍ଜନ / ଖାଲି କରିବାରେ ଡ୍ୟୁଟି, ଡିସଚାର୍ଜ କରିବା, ସ୍କ୍ରିନିଂ ଚାମ୍ବରରେ ସଫେଇ କରିବା |

c) ଫେକାଲ୍ ସ୍ଲଜ ବିସର୍ଜନ ପରେ ଯାନ ସଫେଇ କରିବେ |

d) ସ୍ଲଜ ଶୁଖାଇବା ବେଡରୁ ଷ୍ଟୋରେଜ୍ ୟାର୍ଡ ନେଇ ରଖିବେ ।

e) ବାୟୋ- ସଲିଡ୍ ଏବଂ ବିଶୋଧିତ ବର୍ଜ୍ୟଜଳର ପୁନଃ ବ୍ୟବହାର |

f) କାର୍ଯ୍ୟ ସମୟରେ PPEର ଉପଯୁକ୍ତ ବ୍ୟବହାର |

**4. ନାଇଟ ସିକ୍ୟୁରିଟି ଗାର୍ଡ଼ (ଜଣେ):**

a) ନାଇଟ ସିକ୍ୟୁରିଟି ଗାର୍ଡ଼ ଗୋଷ୍ଠୀ ଦ୍ୱାରା ନିଯୁକ୍ତ |

b) ସମୟର ରେକର୍ଡ ଦାଖଲ କରିବେ |

c) FSTP ନିରାପତ୍ତା ବଜାୟ ରଖିବେ |

d) ଗୋଷ୍ଠୀର କାର୍ଯ୍ୟ ସମାପ୍ତ ହେଲା ପରେ, ତାଙ୍କ ଅନୁପସ୍ଥିତିରେ ସେସପୁଲ୍ ଟ୍ରକ୍ ଗୁଡ଼ିକର ଟ୍ରିପ୍ ଗାଡି ସଂଖ୍ୟା ରେକର୍ଡ ରଖିବେ |

## ➢ କାର୍ଯ୍ୟ ସୂଚୀ

- ଫେକାଲ୍ ସ୍ଲଜ (ସେପ୍ଟେଜ୍ ବା ସେପିଟିସି ଟାଙ୍କିରୁ ବାହାରିଥିବା ତରଳ ପଦାର୍ଥ) ପରିଚାଳନାରେ ସଂଗ୍ରହ, ଉପଚାର ଏବଂ ଉପଯୁକ୍ତ ନିଷ୍କାସନ / ନିରାପଦ ପୁନଃ ବ୍ୟବହାର |
- କାର୍ଯ୍ୟ ନିର୍ବାହ ଏବଂ ନିୟମିତ ରକ୍ଷଣାବେକ୍ଷଣ ପାଇଁ ଗୋଷ୍ଠୀ ନିଜର ସଦସ୍ୟମାନଙ୍କୁ FSTPO ବୈଷୟିକ ତାଲିମ ସହିତ ନିୟୋଜିତ କରିବେ | ତାଲିମ RMC ଦ୍ୱାରା ଦିଆଯିବ |
- ଗୋଷ୍ଠୀର ଚୟନ ପରେ, ଗୋଷ୍ଠୀ ନିଜର ସମସ୍ତ ସଦସ୍ୟଙ୍କର ଏକ ଦସ୍ତଖତ ହୋଇଥିବା ତାଲିକା ଏବଂ ରିଜୋଲ୍ୟୁସନ୍ ଦେବେ, ଯେଉଁଥିରେ FSTPରେ ନିୟୋଜିତ ହେବାକୁଯିବା ସଦସ୍ୟଙ୍କ (ନ୍ୟସ୍ତ ଭୂମିକା ସହ ) ନାମ ରହିବ । ଏଥିରେ କୌଣସି ପରିବର୍ତ୍ତନ RMCର ଅନୁମୋଦନ ବିନା ହେବ ନାହିଁ | | ଗୋଷ୍ଠୀ ଦ୍ୱାରା fstp ରେ ନିୟୋଜିତ ଥିବା ସଦସ୍ୟମାନଙ୍କୁ ବଦଳ କରିବାର କୌଣସି ଆବଶ୍ୟକତା ହେଲେ, ଏହାକୁ ଦୁଇ ସପ୍ତାହ ପୂର୍ବରୁ RMCକୁ ଜଣାଇବା ଦରକାର |
- ଚୟନ ହୋଇଥିବା ଗୋଷ୍ଠୀ କୌଣସି ବ୍ୟକ୍ତିଙ୍କୁ ଆବାସିକ ଉଦ୍ଦେଶ୍ୟରେ FSTPର ସର୍ବସାଧାରଣ ସୁବିଧା ବ୍ୟବହାର କରିବାକୁ ଅନୁମତି ଦେବେ ନାହିଁ ଏବଂ କୌଣସି ପ୍ରାଣୀ, ବ୍ୟକ୍ତିଗତ ମୋଟର ଯାନକୁ FSTPରେ କିମ୍ବା ଏହାର ଆଖପାଖରେ ରଖିବାର ଅନୁମତି ଦେବେ ନାହିଁ |
- RMC ଦ୍ୱାରା ଅନୁମୋଦନ ଅନୁଯାୟୀ ପ୍ରତ୍ୟେକ ୟୁନିଟ୍ ଚାରିପାଖରେ ଫୁଲ ଏବଂ ଅନ୍ୟାନ୍ୟ ଗଛ ଲଗାଇବାକୁ ଗୋଷ୍ଠୀକୁ ଅନୁମତି ଦିଆଯିବ |
- ଗୋଷ୍ଠୀ ଅନ୍ୟମାନଙ୍କୁ କମିଶନ ଆଧାରରେ କାର୍ଯ୍ୟର କୌଣସି ଅଂଶ କିମ୍ବା ସମ୍ପୂର୍ଣ୍ଣ ଲିଜ୍ ପ୍ରଦାନ କରିବ ନାହିଁ | ଯଦି ଏପରି ଆଚରଣ ଦେଖାଯାଏ, RMC ଚୁକ୍ତିନାମାକୁ ବାତିଲ କରିପାରେ |
- ଗୋଷ୍ଠୀ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରିବ ନାହିଁ ଏବଂ ଶ୍ରମିକମାନଙ୍କୁ ସାପ୍ତାହିକ ଛୁଟି ନେବାକୁ ଅନୁମତି ଦେବ |
- ମାସର ଅନୁପସ୍ଥିତ ଦିନରେ ଗୋଷ୍ଠୀ ସଦସ୍ୟଙ୍କ ବେତନ କାଟ ହେବ |
- ଯଦି କୌଣସି ଦିନ କୌଣସି ସଦସ୍ୟ ଆସିବାକୁ ଅକ୍ଷମ ହେବେ ତାହେଲେ, ତାଙ୍କ ସ୍ଥାନରେ ତାଲିମ ନେଇ ଥିବା କୌଣସି ସଦସ୍ୟଙ୍କୁ କାର୍ଯ୍ୟରେ ଜଡିତ କରାଯାଇ ପାରିବ | ଗୋଷ୍ଠୀ ଏମିତି ପରିସ୍ଥିତି ପାଇଁ ସର୍ବଦା ତାଲିମ ପ୍ରାପ୍ତ ଅତିରିକ୍ତ ସଦସ୍ୟଙ୍କୁ ପ୍ରସ୍ତୁତ ରଖୁଥିବେ |
- ଗୋଷ୍ଠୀ ଏହି ପ୍ରକଳ୍ପ ପାଇଁ ପ୍ଲାଣ୍ଟ ମ୍ୟାନେଜର ଭାବରେ FSTPରେ ନିୟୋଜିତ ବିଦ୍ୟମାନ ସଦସ୍ୟଙ୍କ ଠାରୁ ଜଣେ ସଦସ୍ୟଙ୍କୁ ମନୋନୀତ କରିବ, ଯିଏ ସମସ୍ତ ହିତାକାରୀଙ୍କ ସହ ସମନ୍ୱୟ ରକ୍ଷା କରିବ | ପ୍ଲାଣ୍ଟ ମ୍ୟାନେଜର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ / ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ କୌଣସି ଅସୁବିଧା ପାଇଁ ରିପୋର୍ଟ କରିପାରିବେ|
- ଗୋଷ୍ଠୀ ନିଶ୍ଚିତ କରିବେ ଯେ FSTP ସର୍ବଦା ସୁପରିଚାଳିତ ଏବଂ ପରିଷ୍କାର ରହିବ | ଏହି ପ୍ଲାଣ୍ଟ ଦ୍ୱାରା କୌଣସି ପାଖରେ ଥିବା ବାସିନ୍ଦାଙ୍କ ପାଇଁ କୌଣସି ଅସୁବିଧା କିମ୍ବା ବିଶୃଙ୍ଖଳା ସୃଷ୍ଟି ନ ହୁଏ |
- ଗୋଷ୍ଠୀ ପ୍ରଦୂଷଣ ବା ସମ୍ପତ୍ତି କ୍ଷତିଗ୍ରସ୍ତ ନ ହେବ ପାଇଁ ଯୁକ୍ତିଯୁକ୍ତ ପଦକ୍ଷେପ ଗ୍ରହଣ କରିବେ |
- ଗୋଷ୍ଠୀ ପରିବେଶ ସୁରକ୍ଷା ପାଇଁ ଥିବା ସରକାରଙ୍କ ନିୟମାବଳୀ ପାଳନ କରିବେ ।
- ଗୋଷ୍ଠୀ ସଦସ୍ୟ ସେସପୁଲ୍ ପରିଚାଳନା କରୁଥିବା ପରିମଳ କର୍ମଚାରୀଙ୍କୁ FSTPରେ ଗାଧୋଇବା, ଧୋଇବା ଏବଂ ଶୌଚାଳୟ ସୁବିଧା ବ୍ୟବହାର ପାଇଁ ଅନୁମତି ଦେବେ |
- ସିକ୍ୟୁରିଟି ଗାର୍ଡ ପ୍ରତି ରାତିରେ ପ୍ଲାଣ୍ଟରେ ରହିବା ଦରକାର |

- ଗୋଷ୍ଠୀ FSTPକୁ ସପ୍ତାହରେ ସାତ ଦିନ ଚଳାଇବା | ପ୍ରତ୍ୟେକ ଦିନ FSTP ରେ ଦୁଇଟି ସିଫ୍ଟ ରହିବ ଏବଂ ପ୍ରତି ସିଫ୍ଟର ଅବଧି ୮ ଘଣ୍ଟା ରହିବ | ପ୍ରଥମ ସିଫ୍ଟ ସକାଳ ୮ ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୪ ରେ ଶେଷ ହେବ, ଦ୍ୱିତୀୟ ସିଫ୍ଟ ସକାଳ ୧୦ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଚାଲିବ |
- ଯଦି ଏକ ସେସପୁଲ୍ ଗାଡ଼ି ସନ୍ଧ୍ୟା ୬ ଟା ପରେ ପ୍ଲାଣ୍ଟକୁ ଆସେ, ତେବେ ସୁରକ୍ଷା କର୍ମୀ ଗୋଷ୍ଠୀ ସହ ସମୟ କରିବେ ଏବଂ ସ୍ଲଜ ନିଷ୍କାସନ କରିବେ | ଆର ଦିନ ସକାଳକୁ ଗୋଷ୍ଠୀର ପରିମଳ କର୍ମଚାରୀ ପ୍ଲାଟଫର୍ମର ଇତ୍ୟାଦି ସଫା କରିବେ |
- FSTP ପରିଚାଳନା କରୁଥିବା ଗ୍ରୁପ୍ ଏକ ମାସରେ ୩୦ ଦିନ କାର୍ଯ୍ୟ କରିବ ଯେଉଁଥିରେ ୪ ଦିନ ଦରମା ସହିତ ଛୁଟି ଅନ୍ତର୍ଭୁକ୍ତ ।
- ଗୋଷ୍ଠୀ ଦୈନିକ ଉପସ୍ଥିତି ଏବଂ ନିୟୋଜନ ରେକର୍ଡ ପ୍ଲାଣ୍ଟର ରେଜିଷ୍ଟରରେ ଦାଖଲ କରିବେ ଯାହା ମାସ ଶେଷରେ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର / ନୋଡାଲ୍ ଅଫିସର ଦ୍ୱାରା ଯାଞ୍ଚ କରାଯିବ |
- RMC ଦ୍ୱାରା ନିୟମିତ ଦକ୍ଷତା ବୃଦ୍ଧି, ସମୀକ୍ଷା ଏବଂ ମନିଟରିଂ ହେବ |
- ନୋଡାଲ୍ ଅଧିକାରୀ ଗୋଷ୍ଠୀ ଯେକୌଣସି ତତକ୍ଷଣାତ୍ କିମ୍ବା ଦୀର୍ଘକାଳୀନ ଆବଶ୍ୟକତା ସମାଧାନ କରିବେ |
- ଗୋଷ୍ଠୀ FSTPର ମାସିକ ରିପୋର୍ଟ ନିୟମିତ ଭାବରେ RMC ଏବଂ SUDA କୁ ପଠାଇବେ |
- SeTP ରେ କୌଣସି ବିବାଦ କିମ୍ବା ବିପଜ୍ଜନକ ଘଟଣା ବିଷୟରେ ଗୋଷ୍ଠୀ RMC କୁ ସଂଗେ ସଂଗେ ଖବର କରିବେ |
- ଗୋଷ୍ଠୀ କେବଳ RMC ଦ୍ୱାରା ପ୍ରାଧୀକୃତ ବ୍ୟକ୍ତି ଏବଂ ଯାନକୁ ହିଁ FSTP ଭିତରେ ଆସିବାକୁ ଅନୁମତି ଦେବେ |
- ଗୋଷ୍ଠୀ ପ୍ରତ୍ୟେକ ଦିନ FSTP ର କେତୋଟି ଟ୍ରିପ ହେଲା ଏହି ତଥ୍ୟ RMC କୁ ପଠାଇବେ|
- କଣ୍ଟାକ୍ଟ ଅବଧି: ୧ ବର୍ଷ | ଏକ ମୂଲ୍ୟାଙ୍କନ କମିଟି ଗଠନ କରି RMC ଦ୍ୱାରା ବାର୍ଷିକ କାର୍ଯ୍ୟଦକ୍ଷତା ସମୀକ୍ଷା ପରେ ସେବା ଅବଧିର ନବୀକରଣ ୧୨ ମାସ ପାଇଁ ବୃଦ୍ଧି କରାଯାଇପାରେ |

## ➢ ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା

- ମିଶନ ଶକ୍ତି ଗୋଷ୍ଠୀ, ଏଫଏସଟିପି ସ୍ଥିତ ୱାର୍ଡ଼ରୁ ହୋଇଥିଲେ ତାଙ୍କ ଆବେଦନକୁ ଅଗ୍ରାଧିକାର ଦିଆଯିବ । ଯଦି କୌଣସି କାରଣ ପାଇଁ ଏଫଏସଟିପି ସ୍ଥିତ ୱାର୍ଡ଼ରୁ ଗୋଷ୍ଠୀ ଚୟନ ହୋଇପାରେ ନାହିଁ, ସେ ସମୟରେ ଅନ୍ୟ ୱାର୍ଡ଼ର ମିଶନ ଶକ୍ତି ଗୋଷ୍ଠୀଙ୍କ ଆବେଦନ ଉପରେ ବିଚାର କରାଯିବ |
- ମିଶନ ଶକ୍ତି ଗୋଷ୍ଠୀ ଆବେଦନ ପତ୍ର ଦେବା ସମୟରେ ଅତିକମରେ ତିନି ବର୍ଷ ପୂର୍ବରୁ ଗଠନ ହୋଇଥିବା ଦରକାର |
- ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ପଞ୍ଚସୂତ୍ରକୁ ପ୍ରତିବଦ୍ଧତା ସହିତ ପାଳନ କରୁଥିବେ ।
- ମିଶନ ଶକ୍ତି ଗୋଷ୍ଠୀ ଯେକୌଣସି ଆୟ ଉତ୍ପାଦନ କାର୍ଯ୍ୟକଳାପରେ ସର୍ବନିମ୍ନ 3 ବର୍ଷ ପର୍ଯ୍ୟନ୍ତ ଜଡ଼ିତ ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀର ପରିଚାଳନା ସମୟର ଗତ ତିନିବର୍ଷ ମଧରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ 2 ଲକ୍ଷ ଟଙ୍କାର କାରବାର ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀର କୌଣସି ଆର୍ଥିକ ଅନିୟମିତତା, ଯେପରିକି NPA ଘୋଷିତ ଋଣ ଇତ୍ୟାଦି ହୋଇନଥିବ |
- ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ବର୍ତ୍ତମାନ କିମ୍ବା ଅତୀତରେ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ହୋଇନଥିବେ ।
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ହୋଇଥିବା ଆବଶ୍ୟକ |

| କ୍ରମିକ ସଂଖ୍ୟା | ୱାର୍ଡ଼ ସଂଖ୍ୟା | ମଳ ଉପଚାର କେନ୍ଦ୍ର (ଏଫଏସଟିପି) ନାମ | କ୍ଷମତା |
|---|---|---|---|
| ୧ | ୬ | ଏଫଏସଟିପି ବାଲୁଘାଟ | 40 KLD |

**ଆବେଦନ ଫର୍ମ ସହିତ ନିମ୍ନଲିଖିତ କାଗଜ ସଂଲଗ୍ନ କରିବେ :**

1. ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରେଜୋଲୁସନର ନକଲ |
2. ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡ଼େସନର ନକଲ |
3. ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ |
4. ମିଶନ ଶକ୍ତି ଗୋଷ୍ଠୀର ପାସବୁକର ନକଲ, ଯେଉଁଥିରେ ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବାର ପ୍ରମାଣ ଥିବ |
5. ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ |
6. ମଳଉପଚାର କେନ୍ଦ୍ରର ପରିଚାଳନାରେ ଭାଗ ନେବା ପାଇଁ ସଂପୃକ୍ତ ଆବେଦନକାରୀ ତାଙ୍କର ରଜୋଲୁସନ ଖାତାରେ ଲିପିବଦ୍ଧ କରିଥିବେ ଏବଂ ଏହାର ନକଲ ଉପରୋକ୍ତ ଆବେଦନ ପତ୍ରରେ ସଂଯୁକ୍ତ କରିବେ |
7. ମିଶନ ଶକ୍ତି ଗୋଷ୍ଠୀ କୌଣସି ସମାଜ ବିରୋଧୀ କିମ୍ବା ଅପରାଧ୍ଧ କାର୍ଯ୍ୟକଳାପରେ ଜଡ଼ିତ ନହୋଇଥିବାର ଘୋଷଣା ପତ୍ର (ସଭାନେତ୍ରୀଙ୍କ ସ୍ବାକ୍ଷର ଏବଂ ମୋହର ସହିତ) |
8. ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିକେଜ୍ ପ୍ରମାଣ ପତ୍ର |
9. ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡର ନକଲ |
10. ଆବେଦନକାରୀ ଗୋଷ୍ଠି ମେମ୍ବରମାନଙ୍କର ଆଧାର କାର୍ଡ କପି | ଭୋଟର କାର୍ଡ କପି, ଶିକ୍ଷାଗତ ଯୋଗ୍ୟତାର ନକଲ ଏବଂ ଗୃପ ଫୋଟୋ ଦରଖାସ୍ତ ସହ ସଂଲଗ୍ନ କରିବେ |
11. ସଂଘର ସଭାପତି ଓ ସମ୍ପାଦକ ଦରଖାସ୍ତ (ଆବେଦନ ଫର୍ମ) ସହିତ ସେମାଙ୍କର ଦରଖାସ୍ତ ସହ ସଙ୍ଘର ମୋହର ଲଗାଇ ଆବେଦନ କରିବେ |

# ମିଶନ ଶକ୍ତି ଗୋଷ୍ଠୀ ପାଇଁ ଆବେଦନ ଫର୍ମ

| କ୍ର.ସଂଖ୍ୟା | | ବିବରଣୀ |
|---|---|---|
| ୧ | ମିଶନ ଶକ୍ତି ଗୋଷ୍ଠୀର ନାମ | |
| ୨ | ଠିକଣା | |
| ୩ | ୱାର୍ଡ଼ ସଂଖ୍ୟା | |
| ୪ | ଗୋଷ୍ଠୀ ଗଠନ ତାରିଖ | |
| ୫ | ଗୋଷ୍ଠୀ ସଦସ୍ୟ ସଂଖ୍ୟା | |
| ୬ | ସଭାନେତ୍ରୀଙ୍କ ନାମ | |
| ୭ | ସଭାନେତ୍ରୀଙ୍କ ଫୋନ ନମ୍ବର | |
| ୮ | ସେକ୍ରେଟେରୀଙ୍କ ନାମ | |
| ୯ | ସେକ୍ରେଟେରୀଙ୍କ ଫୋନ ନମ୍ବର | |
| ୧୦ | ଶ୍ରେଣୀକରଣ(Gradation) ହୋଇଛି? (ହଁ/ନାହିଁ) | |
| ୧୧ | କେଉଁ ବ୍ୟାଙ୍କରେ ଆକାଉଣ୍ଟ ଖୋଲା ହୋଇଛି? | |
| ୧୨ | ଆକାଉଣ୍ଟ ସଂଖ୍ୟା | |
| ୧୩ | ମିଶନ ଶକ୍ତି ଗୋଷ୍ଠୀର PAN କାର୍ଡ ସଂଖ୍ୟା | |
| ୧୪ | RF/Seed ପାଇଛନ୍ତି? (ହଁ/ନାହିଁ ) | |
| ୧୫ | ଗୋଷ୍ଠୀର ପୂର୍ବ କାର୍ଯ୍ୟକଳାପ (Work order copy ସଂଲଗ୍ନ କରିବେ) | |
| ୧୬ | ପାସ ବୁକ ନିୟମିତ ଭାବରେ ସଂଚାଳନ ହେଉଛି କି? (ହଁ/ନାହିଁ) (ପାସ୍‌ବୁକର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ) | |
| ୧୭ | ମିଶନ ଶକ୍ତି ଗୋଷ୍ଠୀ ପରିଚାଳନା ଆରମ୍ଭ ସମୟରୁ କେତେ ଟଙ୍କା ଋଣ ନେଇଛନ୍ତି ? | |
| ୧୮ | ଗୋଷ୍ଠୀର ଋଣ ଦେୟ କିମ୍ବା ରେକର୍ଡ ରଖିବାରେ କୌଣସି ଆର୍ଥିକ ଅନିୟମିତତା ହୋଇଛି କି? (ହଁ/ନାହିଁ) | |
| ୧୯ | ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ହୋଇଛି? (ହଁ/ନାହିଁ) | |
| ୨୦ | ଅତୀତ କିମ୍ବା ବର୍ତ୍ତମାନରେ କୌଣସି ଅସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇଛନ୍ତି କି? (ହଁ/ନାହିଁ) | |

**ସଭାପତିଙ୍କ ସ୍ୱାକ୍ଷର**
(ମୋହର ସହିତ)

**ସଂପାଦିକାଙ୍କ ସ୍ୱାକ୍ଷର**
(ମୋହର ସହିତ)

## ASSESSMENT INDEX – Mission Shakti Group

### ( For engagement for FSTP)

| Sl.No | Assesment Parameter | Marks | Means of verification | Remarks |
|---|---|---|---|---|
| 1 | Adherence to standard Practices of Group ( Pancha Sutra) | 20 | Register & Bank Pass book of Mission Shakti Group | • Regular Meeting-4<br>• Regular Saving-4<br>• Regular Internal lending -4<br>• Regular Repayment -4<br>• Regular Record keeping -4 |
| 2 | No. of Active members | 10 | Register & Bank Pass book of Mission Shakti Group | • 10 Active members = 10<br>• 7 to 9 Active members = 8<br>• 4 to 7 Active members = 6<br>• Less than 4 active member = 0 |
| 3 | Involvement in Income Generation Activity (IGA) | 10 | Field visit & document verification | • 2 Activity = 10<br>• 1 Activity = 05<br>• 0 Activity = 0 |
| 4 | Ration Card | 10 | Original | • 7or above members = 10<br>• 5 to 7 members = 5<br>• 3 to 5 members= 2<br>• Less than 3 = 0 |
| | **Total** | **50** | | |

**Note:-** 1.Mission Shakti. Group having score below 40% shall not be considered for engagement.

2. If one to more MSG got Same Mark then there is a Common Test will be held on having 15 Marks.

3. If any SHG engaged in any kind of livelihood work by Rourkela Municipal Corporation shall not be apply for the above EoI ( Like Aahaar, MCC, MRF, Cold Storage, CT,PT , Mission Shakti Café , Park, Rental Housing, SUH and Parking.